# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 26 October – 2025

********************************

## ମୁଖ୍ୟ ସମ୍ବାଦ

- କୋରାପୁଟ କଫି ଓଡ଼ିଶାକୁ ନୂଆ ପରିଚୟ ଦେଇଛି; ଆକାଶବାଣୀର ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ

— ଆସନ୍ତା ୩୧ ତାରିଖରେ 'ଏକତା ପାଇଁ ଦୌଡ଼'ରେ ସାମିଲ ହେବାକୁ ଦେଶବାସୀଙ୍କୁ ଦେଲେ ଆହ୍ୱାନ

- ମୁମ୍ବାଇରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଭାରତୀୟ ସାମୁଦ୍ରିକ ସପ୍ତାହ ସମ୍ମିଳନୀ-୨୦୨୫

— ଓଡ଼ିଶାର ବନ୍ଦର ନେତୃତ୍ୱାଧୀନ ନିବେଶ ସୁଯୋଗ ନେଇ ସ୍ୱତନ୍ତ୍ର ଅଧିବେଶନରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ

- ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଆଜି ସନ୍ଧ୍ୟା ସୁଦ୍ଧା ବାତ୍ୟାର ରୂପ ନେବା ସମ୍ଭାବନା

ଏବଂ

- ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

# ମନ୍ କୀ ବାତ୍

ଅପରେସନ୍ ସିନ୍ଦୂର ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ପୂର୍ବରୁ ମାଓବାଦୀ ମାନଙ୍କ ଆତଙ୍କରେ ଆଚ୍ଛାଦିତ ହୋଇ ରହୁଥିବା ଅଂଚଳରେ ବର୍ତ୍ତମାନ ଖୁସିର ଆଲୋକ ଜଳୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣରେ ଦେଶବାସୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ସଞ୍ଚୟ ଉତ୍ସବ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ କ୍ରୟ ବୃଦ୍ଧି ପାଇଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, କୋରାପୁଟ କଫି ଅତ୍ୟନ୍ତ ସୁସ୍ୱାଦୁ ଏବଂ ଓଡ଼ିଶାର ଗୌରବ। ଏହା ସ୍ଥାନୀୟ ଚାଷୀ ଭାଇଭଉଣୀଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ଏହି ସ୍ୱୀକୃତି ଅତ୍ୟନ୍ତ ପ୍ରେରଣାଦାୟୀ। ପ୍ରଧାନମନ୍ତ୍ରୀ ଏହି ଅବସରରେ କୋରାପୁଟର କଫି ଏବଂ ଏହାର ଚାଷୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

**- V/O -(PM-Coffee)**

ସ୍ୱଚ୍ଛତା ପ୍ରୟାସ ନେଇ ଦେଶର ବିଭିନ୍ନ ସ୍ଥାନରେ ଲୋକଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଲୁଣା ଜଙ୍ଗଲର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସୁନାମି ତଥା ଘୂର୍ଣ୍ଣିବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ଉପକୂଳ ସୁରକ୍ଷା ଦିଗରେ ଏହା ବେଶ୍ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଥାଏ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଜନ୍ମବାର୍ଷିକୀ ପାଳନ କରାଯିବ । ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଦେଶ ପାଇଁ ଏକ ସ୍ୱତନ୍ତ୍ର ଅବସର ଆଣିଦେବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଆସନ୍ତା ୩୧ରେ ସମଗ୍ର ଦେଶରେ ଆୟୋଜିତ ହେବାକୁ ଥିବା 'ରନ୍ ଫର୍ ୟୁନିଟି'ରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ମାସ ୭ ତାରିଖରେ ଭାରତ ବନ୍ଦେ ମାତରଂ ପାଳନର ୧୫୦ତମ ବର୍ଷରେ ପ୍ରବେଶ କରିବ । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି କବିତାଟି ୧୮୯୬ ମସିହାରେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର ପ୍ରଥମଥର ପାଇଁ ଗାଇଥିଲେ । ଏହି ଗୀତଟି ଶତାବ୍ଦୀର ଦାସତ୍ୱ ଦ୍ୱାରା ଦୁର୍ବଳ ହୋଇପଡିଥିବା ଦେଶବାସୀଙ୍କ ଜୀବନରେ ନୂତନ ସ୍ଫୂର୍ତ୍ତି ଭରି ଦେଇଥିଲା ।

**V/O (PM Bande Mataram)**

**ମନ୍ କୀ ବାତ୍-୨**

ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋରାପୁଟ କଫି ଓଡ଼ିଶାକୁ ନୂତନ ପରିଚୟ ଦେଇଛି ବୋଲି କହିଛନ୍ତି। ଏହା ସହ

କୋରାପୁଟ କଫିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଦିଗରେ କୋରାପୁଟର ଚାଷୀ ବଳରାମ ହାନ୍ତାଲ, ସୁବ୍ରତ ଦାସ ଓ କାମ୍ୟା ପାଙ୍ଗିଙ୍କ ଉଦ୍ୟମକୁ ଭୂରି ଭୂରି ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୋରାପୁଟ କଫି ବିଷୟରେ ଆଲୋଚନା କରିଥିବାରୁ **କାମ୍ୟା ପାଙ୍ଗି** ତାଙ୍କୁ କୃତଜ୍ଞତା ଜଣାଇଛନ୍ତି.......

**- V/O - (କାମ୍ୟା ପାଙ୍ଗି)**

କଫି ଚାଷୀ **ସୁବ୍ରତ ଦାସ** କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ପ୍ରଶଂସା ସେମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିଛି।

**- V/O - (ସୁବ୍ରତ ଦାସ)**

## ମୁଖ୍ୟମନ୍ତ୍ରୀ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲିଠାରୁ ମୁମ୍ବାଇଠାରେ ପାଞ୍ଚ ଦିନ ବ୍ୟାପୀ ଭାରତୀୟ ସାମୁଦ୍ରିକ ସପ୍ତାହ-୨୦୨୫ର ଆୟୋଜନ କରାଯିବ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇ ଗସ୍ତ କରିଛନ୍ତି। ଆସନ୍ତାକାଲି ଅପରାହ୍ଣରେ  ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟର ବନ୍ଦର ନେତୃତ୍ୱାଧିନ ନିବେଶ ସୁଯୋଗ ଏବଂ ବନ୍ଦର ମାଧ୍ୟମରେ ରପ୍ତାନୀ ସମ୍ଭାବନା ଉପରେ ଆଲୋଚନାରେ ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିବେ। ଭାରତୀୟ ସାମୁଦ୍ରିକ ସପ୍ତାହ ଦେଶର ବର୍ଦ୍ଧିତ ସାମୁଦ୍ରିକ କ୍ଷେତ୍ରରେ ସହଯୋଗ

ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। 'ବନ୍ଦର ଶିଳ୍ପ ଅଭିବୃଦ୍ଧି' ଓ ଉପକୂଳବର୍ତ୍ତୀ ଆର୍ଥିକ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବା ପାଇଁ ଏହା ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଓଡ଼ିଶା ଅଧିବେଶନ ସମୟରେ ରାଜ୍ୟ ଏହାର ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି, ନୂତନ ବିକାଶ, ବିଶାଳ ସାମୁଦ୍ରିକ ସମ୍ଭାବନା ଓ ନୂତନ ସହଭାଗିତା ଅନୁସନ୍ଧାନ କରିବା ପାଇଁ ଘରୋଇ ଏବଂ ଆନ୍ତର୍ଜାତିକ ନିବେଶକମାନଙ୍କୁ ଆମନ୍ତ୍ରଣ କରିବ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି। ସମ୍ମିଳନୀରେ ୧୧ଟି ଦେଶର ପ୍ରତିନିଧି ଯୋଗଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପାଣିପାଗ-ମୋନ୍ଥା

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଗଭୀର ଅବପାତରେ ପରିଣତ ହୋଇଛି। ଆଜି ସନ୍ଧ୍ୟା ସୁଦ୍ଧା ଏହା ବାତ୍ୟାର ରୂପ ନେବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବାତ୍ୟାରେ ପରିଣତ ହେବା ପରେ ସାମୁଦ୍ରିକ ଝଡ଼ ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ। ଏହା ଭୀଷଣ ରୂପ ନେଇ ୨୮ ତାରିଖ ସନ୍ଧ୍ୟାରୁ ମଧ୍ୟରାତ୍ରୀ ମଧ୍ୟରେ ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟନମ୍ ମଧ୍ୟରେ କାକିନାଡାଠାରେ ସ୍ଥଳଭାଗ ସ୍ପର୍ଶ କରିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହା ଗୋପାଳପୁରଠାରୁ ୯୨୦ କିଲୋମିଟର ଏବଂ କାକିନାଡାଠାରୁ ୮୧୦

କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଉପକୂଳ ଅତିକ୍ରମ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ କିଲୋମିଟରରୁ ୧୦୦ କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ୩୦ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଓ ଉପକୂଳବର୍ତ୍ତୀ ୧୯ଟି ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ସମ୍ଭାବ୍ୟ ବାତ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବାତ୍ୟା ପ୍ରସ୍ତୁତି ଓ ମୁକାବିଲା ନେଇ ଆଲୋଚନା ହୋଇଛି।

**- V/O -**

ସମ୍ଭାବ୍ୟ ବାତ୍ୟାକୁ ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ବାତ୍ୟା ଯୋଗୁଁ ପ୍ରବଳ ରୁ ଅତିପ୍ରବଳ ବର୍ଷା ହେବ। ବାତ୍ୟାର ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକସ୍ଥଳେ ଜଳଭଣ୍ଡାରରୁ ଜଳ ନିଷ୍କାସନ ହେବ। ଗଜପତି ଜିଲ୍ଲାର ହରଭଙ୍ଗୀ ଓ ରାୟଗଡା ଜିଲ୍ଲାର ବଡ଼ନଳାର

ଜଳଧାରଣ କ୍ଷମତାକୁ ୯୦ ପ୍ରତିଶକୁ ହ୍ରାସ କରାଯାଇଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା **ଗଜପତି** ଜିଲ୍ଲାକୁ ବିଶେଷ ଭାବରେ ପ୍ରଭାବିତ କରିବ ବୋଲି ଜିଲ୍ଲାପାଳ ମଧୁମିତା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ପ୍ରସ୍ତୁତି ନେଇ ଆମ ସମ୍ବାଦଦାତା **ଗଣେଶ କୁମାର ରାଜୁ** ଙ୍କ ରିପୋର୍ଟ...

**- V/O - (ଗଣେଶ କୁମାର ରାଜୁ)**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି **ନବରଙ୍ଗପୁର** ଜିଲ୍ଲାରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ବାତ୍ୟା ଓ ବର୍ଷାର ମୁକାବିଲା ପାଇଁ ୧୦ଟି ବ୍ଲକ୍ ଓ ୨ଟି ପୌରପାଳିକା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜଳଯୋଗାଣ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ ରଖିବା ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଉପକରଣର ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।